## ଜୀବଜନ୍ତୁ କଲ୍ୟାଣରେ ମାନବର କଲ୍ୟାଣ

# ପଶୁପକ୍ଷୀମାନଙ୍କ ପାଇଁ ସୁରକ୍ଷା ଓ ଆଇନ୍

■ ଦେବେନ୍ଦ୍ର ନାଥ ନନ୍ଦ
ବରିଷ୍ଠ ପରିଦର୍ଶକ
ଜୀବେ ନିଷ୍ଠୁରତା ନିରୋଧ ସମିତି, ଓଡ଼ିଶା

ଜୀବଜନ୍ତୁମାନେ ମନୁଷ୍ୟମାନଙ୍କ ଭଳି ସମାଜରେ ବଞ୍ଚି ରହିବାର ସାମ୍ବିଧାନିକ ଅଧିକାର ପାଇଛନ୍ତି । ଆମ ସମ୍ବିଧାନର ୫୧(କ)-ଗ ଧାରା ଅନୁସାରେ ପ୍ରତ୍ୟେକ ନାଗରିକ ସମାଜର ପରିବେଶ, ଜଙ୍ଗଲ, ବନ୍ୟଜନ୍ତୁ, ନଦୀ, ହ୍ରଦର ସୁରକ୍ଷା ଦେବା ସହିତ ସମସ୍ତ ଜୀବଜନ୍ତୁମାନଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ପୋଷଣ କରିବା ଏକ ମୌଳିକ କର୍ତ୍ତବ୍ୟ ଅଟେ । ସମ୍ବିଧାନକୁ ସମ୍ମାନ ଜଣାଇ ସମାଜରେ ପଶୁପକ୍ଷୀମାନଙ୍କ ପ୍ରତି ନିଷ୍ଠୁରତା ଓ ସେମାନଙ୍କ ପ୍ରତି ଆମର କର୍ତ୍ତବ୍ୟରେ ଅବହେଳା ପାଇଁ ଆଇନ୍ ପ୍ରଣୟନ କରାଯାଇଅଛି । ଏହି ଆଇନ୍‌କୁ କାର୍ଯ୍ୟକାରୀ କରିବା ପାଇଁ ଆମ ଦେଶରେ ପ୍ରତ୍ୟେକ ରାଜ୍ୟରେ ଥିବା ଜୀବେ ନିଷ୍ଠୁରତା ନିରୋଧ ସମିତି (SPCA) ଏକ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଅଛି । ଜୀବେ ନିଷ୍ଠୁରତା ନିରୋଧ ଆଇନ୍ ବହୁ ପୁରାତନ । ପ୍ରତ୍ୟେକ ରାଜ୍ୟ ନିଜସ୍ୱ ଆଇନ୍ ପ୍ରଣୟନ କରି ପଶୁପକ୍ଷୀମାନଙ୍କୁ ସୁରକ୍ଷା ପ୍ରଦାନ କରୁଥିଲା ।

ଭାରତର ଜଣେ ମହିୟସୀ ମହିଳା ସ୍ୱର୍ଗତ ରୁକ୍ମଣୀ ଦେବୀ ଅରୁଣ୍ଡେଲ୍ ୧୯୫୮ ମସିହାରେ ସର୍ବଭାରତୀୟ ସ୍ତରରେ ଏକ ଆଇନ୍ ପ୍ରଣୟନ କରିବା ପାଇଁ ସଂସଦରେ ପ୍ରସ୍ତାବ ଆଗତ କଲେ । ବହୁଚେଷ୍ଟା ଫଳରେ ତାଙ୍କର ପ୍ରସ୍ତାବ ବିନା ଦ୍ୱିଧାରେ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା ୧୯୬୦ ମସିହାରେ, ଯାହାକି ଜୀବେ ନିଷ୍ଠୁରତା ନିରୋଧ ଆଇନ୍, ୧୯୬୦ ଭାରତର ପ୍ରତ୍ୟେକ ରାଜ୍ୟରେ କାର୍ଯ୍ୟକାରୀ ହେଉଅଛି । (Preventation of cruelty to Animals Act 59 of 1960)

ଏହି ଆଇନ୍‌କୁ ସୁଚାରୁ ରୂପେ ପ୍ରଚଳନ କରିବା ପାଇଁ ଏବଂ ପଶୁପକ୍ଷୀମାନଙ୍କୁ ସୁରକ୍ଷା ପ୍ରଦାନ କରି ସେମାନଙ୍କ ପ୍ରତି ନିଷ୍ଠୁରତା ପ୍ରତିରୋଧ କରିବା ନିମନ୍ତେ କେତେକ ବିଧି ବା ନିୟମ ଯଥା ପଶୁପକ୍ଷୀମାନଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବା, ପଶୁପକ୍ଷୀମାନଙ୍କୁ ଭଲଭାବେ ନେବା ଆଣିବା କରିବା, ସେମାନଙ୍କୁ ନେଇ ଖେଳ ଦେଖାଇବା ଓ ଆମୋଦ ପ୍ରମୋଦ କରିବା, ପଶୁପକ୍ଷୀମାନଙ୍କ ଉପରେ ବିଭିନ୍ନ ପରୀକ୍ଷା କରିବା ଇତ୍ୟାଦି ପ୍ରଣୟନ କରାଯାଇ ଅଛି । ଆଇନ୍ ଓ ନିୟମକୁ ସଫଳ ରୂପେ ରାଜ୍ୟମାନଙ୍କରେ ପ୍ରଚଳନ କରି ଜୀବଜନ୍ତୁମାନଙ୍କ ପାଇଁ ବିଭିନ୍ନ କଲ୍ୟାଣ ମୂଳକ କାର୍ଯ୍ୟକ୍ରମ କରିବାର ଲକ୍ଷ୍ୟନେଇ ଜୀବ ମଙ୍ଗଳ ପରିଷଦ ଭାରତ ସରକାରଙ୍କ ଅଧିନରେ ରହିଅଛି । ଏହାର ମୁଖ୍ୟ କାର୍ଯ୍ୟାଳୟ ଚେନ୍ନାଇଠାରେ ଅବସ୍ଥିତ । ଉପରୋକ୍ତ ଆଇନ୍ ଓ କାନୁନ୍ ସହିତ ଜୀବଜନ୍ତୁମାନଙ୍କ କଲ୍ୟାଣ ପାଇଁ ବନ୍ୟଜନ୍ତୁ ସୁରକ୍ଷା ଆଇନ୍ -୧୯୭୨, ଗୋ-ବଧ ଆଇନ୍ -୧୯୬୦ ଏବଂ ଆଇପିସି (Indian Penal Code) ଧାରା - ୪୨୮ ଓ ୪୨୯ ବିଧିବଦ୍ଧ ଭାବେ ପ୍ରତିରୋଧ କରି ନିଷ୍ଠୁରତା ପରିହାର କରିବାରେ ସହାୟକ ହେଉଅଛି ।

ପଶୁପକ୍ଷୀମାନେ ଆମ ସମାଜର ଅଶେଷ ହିତ ସାଧନା କରିଥାନ୍ତି । ଗାଈ ଆମକୁ କ୍ଷୀର ଦିଏ ଯାହାକି ସମସ୍ତ ପାଇଁ ଏକ ଅମୃତ ପାନୀୟ । ବଳଦ ଚାଷ କରି ଜମିରେ ସୁନା ଫଳାଏ । ଛେଳିର କ୍ଷୀର ଔଷଧ ରୂପେ ବ୍ୟବହୃତ, ମେଣ୍ଢାର ଲୋମ ବସ୍ତ୍ର ତିଆରି, ଘୋଡ଼ା ଓ ଗଧ ଆମର ଗମନା ଗମନରେ ସାହାଯ୍ୟ କରିଥାନ୍ତି । ସେମାନଙ୍କ ଖାଦ୍ୟ, ପାନୀୟ, ବାସଗୃହ, ଚିକିତ୍ସାର ଅବହେଳା କରିବାକୁ ନିଷ୍ଠୁରତା କୁହାଯାଏ । ଗାଈ, ବଳଦ ବୁଢ଼ା ବୟସରେ ଆମେ ତାର ମନୁଷ୍ୟ ସମାଜପାଇଁ ଅବଦାନ ଭୁଲିଯାଇ ବିକ୍ରି କରିଦେଉ । କିନ୍ତୁ ବିକିଦେବା ପରେ ସେ କେଉଁଠାକୁ ଯାଏ ଓ କିଭଳି ଭାବେ ସ୍ଥାନାନ୍ତରିତ ହୁଏ ? ଯଦି ଆମେ ଗଭୀର ଭାବେ ଚିନ୍ତା କରିବା, ତାହେଲେ ସେମାନଙ୍କ ପ୍ରତି ନିଷ୍ଠୁରତା କେତେକାଂଶରେ ହ୍ରାସ ପାଇବ । ଆମର ଗୃହପାଳିତ ପଶୁ, ପକ୍ଷୀ ଓ ବନ୍ୟଜନ୍ତୁମାନଙ୍କ ପ୍ରତି ନିଷ୍ଠୁରତା ପ୍ରତିଦିନ ସମାଜ ପାଇଁ ଅଭିଶାପ ।

କେବଳ ଆଇନ୍‌କୁ କାର୍ଯ୍ୟକାରୀ କରି ପଶୁପକ୍ଷୀମାନଙ୍କ ପ୍ରତି କରାଯାଉଥିବା ନିଷ୍ଠୁରତାକୁ ନିରାକରଣ କରାଯାଇପାରିବ ନାହିଁ । ସମାଜର ପ୍ରତ୍ୟେକ ନାଗରିକ ପଶୁପକ୍ଷୀମାନଙ୍କର ମନୁଷ୍ୟ କଲ୍ୟାଣ ପାଇଁ ଅବଦାନକୁ ହୃଦୟଙ୍ଗମ କରି ସେମାନଙ୍କ କଲ୍ୟାଣ ନିମିତ୍ତ କାର୍ଯ୍ୟକ୍ରମକୁ ଆଗେଇ ନେବାରେ ସାହାଯ୍ୟ କରିବା ସହିତ ଜନସଚେତନତା ମାଧ୍ୟମରେ ସେମାନଙ୍କ ପ୍ରତି ନିଷ୍ଠୁରତାକୁ ଲାଘବ କରିବାରେ ସହାୟ ହୁଅନ୍ତୁ ।

❖ ❖ ❖